# ୧୫

# ଜୀବାଳି

ପୂର୍ବପାଠରେ ତୁମେମାନେ ଜୈବମଣ୍ଡଳର ବିଭିନ୍ନ ବିଷୟରେ ଶିକ୍ଷାଲାଭ କରିଛ । ଆମେ ମଧ୍ୟ ଆଲୋଚନା କରିଛେ ଯେ ଜୈବମଣ୍ଡଳର ବିଭିନ୍ନ ଉପାଦାନ କିପରି ପରସ୍ପର ସହିତ ଅନ୍ତଃକ୍ରିୟା କରିବା ସଙ୍ଗେ ସଙ୍ଗେ ପରିପୂରକ ହୋଇଥାନ୍ତି । ପୃଥିବୀ ପୃଷ୍ଠରେ ସମସ୍ତ ପ୍ରକାର ଜୀବଜନ୍ତୁଙ୍କ ପାଇଁ ସୂର୍ଯ୍ୟଙ୍କଠାରୁ ଆସୁଥିବା ଶକ୍ତି ହେଉଛି ପ୍ରଧାନ ଉତ୍ସ । କିନ୍ତୁ ବିଭିନ୍ନ କାରଣ ଯୋଗୁଁ ଏହାର ବିତରଣ ପୃଥିବୀ ପୃଷ୍ଠରେ ଭିନ୍ନ ଭିନ୍ନ ହୋଇଥାଏ । ଯାହାକି ପୂର୍ବବର୍ତ୍ତୀ ଅଧ୍ୟାୟରେ ତୁମେ ପଢିସାରିଛ । ଏହି କାରଣରୁ ଉତ୍ତପ୍ତ ଆର୍ଦ୍ରରୁ ଶୀତଳ ଶୁଷ୍କ ଅଞ୍ଚଳ ପର୍ଯ୍ୟନ୍ତ ଜୈବକ ଜୀବନରେ ବିଶେଷ ଭାବେ ପାର୍ଥକ୍ୟ ପରିଲକ୍ଷିତ ହୋଇଥାଏ । ସେଥିପାଇଁ, ବିଭିନ୍ନ ଭୌଗୋଳିକ ଅବସ୍ଥିତିରେ ସେମାନେ ଉଭିଦ ଓ ପ୍ରାଣୀମାନଙ୍କର ଏକତ୍ରୀକରଣ କରାଇଥାନ୍ତି । ଏହି ପୃଷ୍ଠଭୂମିରେ ଆମ୍ଭେମାନେ ଜୈବିକ ଜୀବନ ଓ ସେଗୁଡ଼ିକର ଅନ୍ତଃକ୍ରିୟା ସମ୍ବନ୍ଧରେ ଅଧ୍ୟୟନ କରିବା ।

## ଉଦ୍ଦେଶ୍ୟ

ଏହି ପାଠ୍ୟକ୍ରମ ଅଧ୍ୟୟନ କରିସାରିଲା ପରେ ତୁମେ ଜାଣିପାରିବ :

- ପାରିସ୍ଥିତିକ ତତ୍ତ୍ୱ, ପରିସଂସ୍ଥା, ଶକ୍ତି ପ୍ରବାହ ଇତ୍ୟାଦି ଶବ୍ଦର ଅର୍ଥକୁ ମନେ ପକାଇବା ।
- ଜୀବାଳି ଶବ୍ଦକୁ ବୁଝାଇବା
- ବିଭିନ୍ନ ପ୍ରକାରର ଜୀବାଳି ଚିହ୍ନିତ କରିବା ।
- ପୃଥିବୀର ମାନଚିତ୍ରରେ ବିଭିନ୍ନ ପ୍ରକାର ଜୀବାଳିର ଅବସ୍ଥିତି ଦର୍ଶାଇବା ।
- ଏହି ଜୀବାଳିଗୁଡ଼ିକର ପାରିବେଶିକ ଅବସ୍ଥାକୁ ବର୍ଣ୍ଣନା କରିବା ।
- ଉଭିଦ ଓ ପ୍ରାଣୀଗୋଷ୍ଠୀ ମଧ୍ୟରେ ସମ୍ବନ୍ଧ ସ୍ଥାପନ କରିବା ।
- ଉକ୍ତ ଅଞ୍ଚଳର ଜୈବିକ ଜୀବନ ପ୍ରତି ମାନବୀୟ ଦାୟିତ୍ୱର ବିଶ୍ଳେଷଣ କରିବା ।

## 15.1 ଜୀବାଳିର ଅର୍ଥ

ଜୀବାଳି ଶବ୍ଦଟି ହେଉଛି ଜୈବନିବାସର ଏକ କ୍ଷୁଦ୍ରରୂପ । ବିଚାର କଲେ ଜୀବାଳିର ପରିଭାଷା ଓ ବର୍ଗୀକରଣ ସମ୍ବନ୍ଧରେ ବୈଜ୍ଞାନିକଙ୍କ ମଧ୍ୟରେ କୌଣସି ଅସହମତ ନାହିଁ । ଜୀବାଳିର ପରିଭାଷା

ହେଉଛି ଯେ ଏହା ଏକ ପ୍ରାକୃତିକ ପରିସଂସ୍ଥା ଯେଉଁଥିରେ ଉଦ୍ଭିଦ ଓ ପ୍ରାଣୀଗୋଷ୍ଠୀଙ୍କର ସମୂହ ମିଶ୍ରଣର ଅଧ୍ୟୟନ କରାଯାଇଥାଏ । ଏଠାରେ ସମସ୍ତ ଜୀବଜଗତର ନ୍ୟୂନତମ ସାଧାରଣ ଲକ୍ଷଣ ରହିଛି ଏବଂ ଜୀବାଳିର ସମସ୍ତ ସ୍ଥାନରେ ଅଳ୍ପେ ବହୁତେ ସମାନ ଧରଣର ପାରିବେଶିକ ଅବସ୍ଥା ରହିଛି । ଯଦିଓ ଏକ ଜୀବାଳିରେ ଉଭୟ ଉଦ୍ଭିଦ ଓ ପ୍ରାଣୀ ଗୋଷ୍ଠୀ ରହିଥାନ୍ତି କିନ୍ତୁ ଏକ ଜୀବାଳି ସାଧାରଣଭାବେ ପ୍ରାଣୀସମୂହକୁ ବିଶେଷ ଭାବେ ଗଠନ କରୁଥିବା ମୁଖ୍ୟ ଉଦ୍ଭିଦଗୁଡ଼ିକ ଉପରେ ନିର୍ଭର କରି ଚିହ୍ନିତ ଓ ନାମିତ । ଏହି ଉଦ୍ଭିଦଗୁଡ଼ିକ ଭୂଦୃଶ୍ୟର ଅତି ବିଶିଷ୍ଟ ସ୍ପଷ୍ଟ ଓ ନିର୍ଦ୍ଦିଷ୍ଟ ଦୃଶ୍ୟମାନ ଉପାଦାନ । ଜୀବସମୂହ କହିଲେ ଆମେ ବୁଝୁ ଯେ ସମସ୍ତ ଜୀବଜନ୍ତୁଙ୍କର ଅର୍ଥାତ୍ ଜୀବାଳିରେ ଦେଖାଯାଉଥିବା ସମସ୍ତ ଉଦ୍ଭିଦ ଓ ପ୍ରାଣୀପରି ଜୀବଜନ୍ତୁଙ୍କର ସମୁଦାୟ ଭାର ।

**ଜୀବାଳିକୁ ପ୍ରଭାବିତ କରୁଥିବା କାରକ :**

ଜୀବାଳିର ଆକାର, ଅବସ୍ଥିତି ଓ ଲକ୍ଷଣକୁ ବିଭିନ୍ନ କାରକ ପ୍ରଭାବିତ କରିଥାଏ । ପ୍ରଧାନ କାରକଗୁଡ଼ିକ ନିମ୍ନରେ ଦିଆଗଲା-

(i) ଦିବସର ଆଲୋକ ଓ ଅନ୍ଧକାରର ଦୈର୍ଘ୍ୟ । ଏହା ମୁଖ୍ୟତଃ ଆଲୋକ ସଂଶ୍ଳେଷଣର ଦୀର୍ଘତା ପାଇଁ ଦାୟୀ ହୋଇଥାଏ ।

(ii) ହାରାହାରି ତାପମାତ୍ରା ତଥା ତାପମାତ୍ରାରେ ପାର୍ଥକ୍ୟ । ଚରମ ଅବସ୍ଥା ଦେଖାଇବା ପାଇଁ (ଉଭୟ ଦୈନିକ ଓ ବାର୍ଷିକ) ପାର୍ଥକ୍ୟ ଦେଖାଇଥାଏ ।

(iii) ଉଦ୍ଭିଦର ବୃଦ୍ଧିଋତୁ ।

(iv) ବର୍ଷଣ ଯାହାକି ସମୁଦାୟ ପରିମାଣ, ସମୟାନୁଯାୟୀ ପୃଥକତା ଓ ଘନତାକୁ ବୁଝାଇଥାଏ ।

(v) ବାୟୁ ପ୍ରବାହ ଯାହାକି ଗତିବେଗ, ଦିଗ, ସମୟ ଓ ବାରମ୍ବାରତାକୁ ବୁଝାଇଥାଏ ।

(vi) ମୃତ୍ତିକା ପ୍ରକାର ।

(vii) ଢାଲୁ

(viii) ଜଳପ୍ରବାହ

(ix) ଅନ୍ୟାନ୍ୟ ଉଦ୍ଭିଦ ଓ ପ୍ରାଣୀ ଗୋତ୍ର

## 15.2 ଜୀବାଳିର ବର୍ଗୀକରଣ :

ଜୀବାଳିକୁ ବର୍ଗୀକରଣ କରିବାର ଦୁଇଟି ମୁଖ୍ୟ ଭିତ୍ତି ରହିଛି । ଏହି ଅଂଶରେ ଆମେ ଦୁଇଟି ବର୍ଗୀକରଣକୁ ଆଲୋଚନା କରିବା ଯାହାକି ସହଜ ଓ ବିଶେଷଭାବେ ବ୍ୟବହୃତ । ଏହି ବର୍ଗୀକରଣଗୁଡ଼ିକର ଭିତ୍ତି ଓ ଏହାର ବିଭିନ୍ନ ପ୍ରକାର ଗୁଡ଼ିକ ନିମ୍ନରେ ଆଲୋଚିତ ହେଲା ।

**(A) ଜଳୀୟ ବାଷ୍ପ ଆବଶ୍ୟକ କରୁଥିବା ଉପରେ ବିଶେଷ ନିର୍ଭର କରୁଥିବା ଜଳବାୟୁ ଉପରେ ନିର୍ଭର କରି :**

ଏହି ଭିତ୍ତି ଅନୁସାରେ ପ୍ରଚୁରରୁ (ଅରଣ୍ୟ ଜୀବାଳି) ଦୁଷ୍ପ୍ରାପ୍ୟ (ମରୁସ୍ଥଳୀ ଜୀବାଳି) ଜଳୀୟ ବାଷ୍ପର ଆବଶ୍ୟକତା ଥିବା ଉଦ୍ଭିଦର ମାତ୍ରାକୁ ନେଇ ଜୀବାଳିଗୁଡ଼ିକୁ ନିର୍ଦ୍ଧାରଣ କରାଯାଏ । କିନ୍ତୁ ପ୍ରତ୍ୟେକ ଜୀବାଳିରେ ଅଧିକ ଉଚ୍ଚତା ଓ ନିମ୍ନ ଅକ୍ଷାଂଶରୁ ଉଚ୍ଚ ଅକ୍ଷାଂଶ ମଧ୍ୟରେ ପରିଲକ୍ଷିତ ହୋଇଥାଏ ।

ଫଳତଃ ପ୍ରତ୍ୟେକ ଜୀବାଳିକୁ ପରବର୍ତ୍ତୀ ଉପ ପ୍ରକାରରେ ଉପବିଭାଗ କରିବାର ଆବଶ୍ୟକ ହୋଇଥାଏ । ସେଥିପାଇଁ ଏହି ବର୍ଗୀକରଣ ଅନୁସାରେ ଚାରିପ୍ରକାରର ମୁଖ୍ୟ ଜୀବାଳି ଦେଖାଯାଏ ।

(i) ଅରଣ୍ୟ ଜୀବାଳି

(ii) ସାଭାନ୍ନା ଜୀବାଳି

(iii) ତୃଣଭୂମି ଜୀବାଳି

(iv) ମରୁସ୍ଥଳୀ ଜୀବାଳି

**(B) ଜଳବାୟୁ ଓ ଉଦ୍ଭିଦ ଅନୁସାରେ :**

ଏହି ବର୍ଗୀକରଣର ଯୁକ୍ତି ଅନୁସାରେ ପୃଥିବୀର ପ୍ରାଣୀ ଓ ଉଦ୍ଭିଦର ବିତରଣ, ବିନ୍ୟାସ ଓ ପୃଥିବୀର ଜଳବାୟୁର ପ୍ରକାରଭେଦ ମଧ୍ୟରେ ଏକ ନିବିଡ଼ ସମ୍ବନ୍ଧ ରହିଛି । ଏହିପରି ଭାବରେ ଏ ସମ୍ବନ୍ଧ ଉପରେ ନିର୍ଭର କରି ପୃଥିବୀକୁ ବିଭିନ୍ନ ଜୀବାଳି ପ୍ରକାରରେ ବିଭକ୍ତ କରାଯାଇଛି । ଉଦ୍ଭିଦ (ଶାକାଳି) ହେଉଛି ଜୀବାଳିଗୁଡ଼ିକର ଅତ୍ୟନ୍ତ ମୁଖ୍ୟ ଉପାଦାନ । ଯେହେତୁ ଶାକାଳି ଓ ଜଳବାୟୁ ମଧ୍ୟରେ ଆନ୍ତରିକ ସମ୍ବନ୍ଧ ରହିଛି, ସେଥିପାଇଁ ଜଳବାୟୁ ଭିତ୍ତି ଉପରେ ନିର୍ଭର କରି ପୃଥିବୀକୁ ବିଭିନ୍ନ ପ୍ରକାରର ଜୀବାଳିରେ ବିଭକ୍ତ କରାଯାଇଛି । ଏହି ଜଳବାୟୁ ଉପରେ ନିର୍ଭରଶୀଳ ଜୀବାଳିଗୁଡ଼ିକୁ ଶାକାଳି ଉପରେ ନିର୍ଭର କରି ବିଭିନ୍ନ ଉପ-ପ୍ରକାରରେ ବିଭକ୍ତ କରାଯାଇଛି । ନିମ୍ନରେ ପ୍ରଦତ୍ତ ୧୫.୧ ସାରଣୀକୁ ଦେଖ ।

**ସାରଣୀ ସଂଖ୍ୟା. 15.1**

ଜଳବାୟୁ ଓ ଶାକାଳିକୁ ଭିତ୍ତିକରି ଜୀବାଳିର ବର୍ଗୀକରଣ

| ପ୍ରଥମ କ୍ରମର ଜୀବାଳି (ଜଳବାୟୁ ମଣ୍ଡଳ ଉପରେ ଭିତ୍ତିକରି) | ଦ୍ୱିତୀୟ କ୍ରମର ଜୀବାଳି (ଉଦ୍ଭିଦକୁ ଭିତ୍ତିକରି) | ତୃତୀୟ କ୍ରମର ଜୀବାଳି (ଜଳବାୟୁ ଓ ଶାକାଳିର ମିଶ୍ରଣରେ) |
|---|---|---|
| 1. କ୍ରାନ୍ତୀୟ ଜୀବାଳି | (i) କ୍ରାନ୍ତୀୟ ଅରଣ୍ୟ ଜୀବାଳି | (a) ଚିରହରିତ ବୃଷ୍ଟି-ଅରଣ୍ୟ ଜୀବାଳି<br>(b) ଅର୍ଦ୍ଧଚିରହରିତ ଅରଣ୍ୟ ଜୀବାଳି<br>(c) ପର୍ଣ୍ଣମୋଚୀ ଅରଣ୍ୟ ଜୀବାଳି<br>(d) ଅର୍ଦ୍ଧ-ପର୍ଣ୍ଣମୋଚୀ ଅରଣ୍ୟ ଜୀବାଳି<br>(e) ପାର୍ବତ୍ୟ ଅରଣ୍ୟ ଜୀବାଳି<br>(f) ଅନୂପଭୂମି (ସନ୍ତସନ୍ତିଆ) ଅରଣ୍ୟ ଜୀବାଳି |
| | (ii) ସାଭାନ୍ନା ଜୀବାଳି | (a) ସାଭାନ୍ନା ଅରଣ୍ୟ ଜୀବାଳି<br>(b) ସାଭାନ୍ନା ତୃଣଭୂମି ଜୀବାଳି |
| | (iii) ମରୁସ୍ଥଳୀ ଜୀବାଳି | (a) ଶୁଷ୍କ ଓ ବୃଷ୍ଟିହୀନ ମରୁସ୍ଥଳୀ ଜୀବାଳି<br>(b) ଅର୍ଦ୍ଧ-ଶୁଷ୍କ ଜୀବାଳି |
| 2. ନାତିଶୀତୋଷ୍ଣ | (i) ଉତ୍ତର ମେରୁଦେଶୀୟ (ବୋରିଆଲ) ଅରଣ୍ୟ ଜୀବାଳି (ଟାଇଗା ଅରଣ୍ୟ ଜୀବାଳି) | (a) ଉତ୍ତର ଆମେରିକୀୟ ଜୀବାଳି<br>(b) ଏସୀୟ ଜୀବାଳି<br>(c) ପାର୍ବତ୍ୟ ଅରଣ୍ୟ ଜୀବାଳି |

ଟିପ୍ପଣୀ(Notes)

| | | |
|---|---|---|
| | (ii) ନାତିଶୀତୋଷ୍ଣୀୟ ପର୍ଣ୍ଣମୋଚୀ ଅରଣ୍ୟ ଜୀବାଳି | (a) ଉତ୍ତର ଆମେରିକୀୟ ଜୀବାଳି<br>(b) ଇଉରୋପୀୟ ଜୀବାଳି |
| | (iii) ନାତିଶୀତୋଷ୍ଣୀୟ ତୃଣଭୂମି ଜୀବାଳି | (a) ସୋଭିଏତ୍ ଷ୍ଟେପୀ ଜୀବାଳି<br>(b) ଉତ୍ତର-ଆମେରିକୀୟ ପ୍ରେରୀ ଜୀବାଳି<br>(c) ପମ୍ପା ଜୀବାଳି |
| | (iv) ଭୂମଧ୍ୟସାଗରୀୟ ଜୀବାଳି | (a) ଅଷ୍ଟ୍ରେଲୀୟ ତୃଣଭୂମି ଜୀବାଳି<br>(b) ଦକ୍ଷିଣ ଗୋଲାର୍ଦ୍ଧୀୟ ଜୀବାଳି |
| | (v) ଉଷ୍ଣ ନାତିଶୀତୋଷ୍ଣୀୟ ଜୀବାଳି | |
| 3. ତୁନ୍ଦ୍ରା ଜୀବାଳି | (i) ଉତ୍ତର ମେରୁଦେଶୀୟ ଜୀବାଳି<br>(ii) ଆଲ୍‌ପୀୟ ତୁନ୍ଦ୍ରା ଜୀବାଳି | |

15.1 ସାରଣୀରୁ ଏହା ଅତ୍ୟନ୍ତ ସ୍ପଷ୍ଟ ହେଲା ଯେ ଭୂ-ମଣ୍ଡଳର ବିଭିନ୍ନ ଅଂଶରେ ଅନେକଗୁଡ଼ିଏ ଜୀବାଳି ଦେଖାଯାଏ । ଏକ ବିସ୍ତୃତ ଅଧ୍ୟୟନ ପାଇଁ ଗୋଟିଏ ଲେଖାଏଁ ଜୀବାଳି ଭାବରେ ତିନିଗୋଟି ଜୀବାଳି ପ୍ରତ୍ୟେକ ଜଳବାୟୁ ମଣ୍ଡଳରୁ ବଛାଯାଇଛି । ଏହି ତିନିଗୋଟି ଜୀବାଳି ହେଲା-

(i) ଚିରହରିତ ବୃଷ୍ଟିଅରଣ୍ୟ ଜୀବାଳି

(ii) ନାତିଶୀତୋଷ୍ଣୀୟ ତୃଣଭୂମି ଜୀବାଳି

(iii) ଉତ୍ତର ମେରୁଦେଶୀୟ ତୁନ୍ଦ୍ରା ଜୀବାଳି

## 15.3 ଚିରହରିତ ବୃଷ୍ଟିଅରଣ୍ୟ ଜୀବାଳି

### (i) ଭୌଗୋଳିକ ପୃଷ୍ଠଭୂମି

ଏହି ଜୀବାଳି ବିଷୁବ ବୃତ୍ତର ଉଭୟ ପାର୍ଶ୍ୱରେ $10^0$ ଅକ୍ଷାଂଶ ପର୍ଯ୍ୟନ୍ତ ବିସ୍ତୃତ । ଏହା ଦକ୍ଷିଣ ଆମେରିକାର ଆମାଜନ ନଦୀ ସଂଲଗ୍ନ ନିମ୍ନଭୂମି, ବିଷୁବୀୟ ଆଫ୍ରିକାର କଙ୍ଗୋନଦୀ ଉପତ୍ୟକା ଏବଂ ସୁମାତ୍ରାଠାରୁ ନିଉଗିନିଆ ପର୍ଯ୍ୟନ୍ତ ବିସ୍ତୃତ ଦକ୍ଷିଣ-ପୂର୍ବ ଏସିଆର ଦ୍ୱୀପପୁଞ୍ଜ ଉପରେ ଆଚ୍ଛାଦିତ । ଏହି ଅଞ୍ଚଳ ଚିତ୍ର 15.2ରେ ଦର୍ଶାଯାଇଛି ।

ଏହି ଅଞ୍ଚଳରେ ଅତିକମ୍‌ରେ $2^0$C ପାର୍ଥକ୍ୟ ସହିତ ବର୍ଷସାରା ଅଧିକ ତାପମାତ୍ରା ଅନୁଭୂତ ହୁଏ । ଏହି ଅଞ୍ଚଳରେ 150 ସେ.ମି.ରୁ 250 ସେ.ମି. ମଧ୍ୟରେ ଅତ୍ୟଧିକ ବୃଷ୍ଟିପାତ ହୋଇଥାଏ । ଏହା ବର୍ଷସାରା ଲାଗି ରହିଥାଏ । ପ୍ରତ୍ୟହ ଅପରାହ୍ନରେ ବୃଷ୍ଟିପାତ ହୋଇଥାଏ । ଅତ୍ୟଧିକ ତାପମାତ୍ରା ଯୋଗୁଁ ବାୟୁମଣ୍ଡଳରେ ଅତ୍ୟଧିକ ପରିମାଣର ଜଳୀୟବାଷ୍ପ ପହଞ୍ଚୁଥିବା କାରଣରୁ ଘଟିଥାଏ । ସେଥିପାଇଁ, ବର୍ଷସାରା ଉଭୟ ତାପମାତ୍ରା ଓ ବୃଷ୍ଟିପାତ ଅଧିକ ହୋଇଥିବା ଯୋଗୁଁ ଏହି ଅଞ୍ଚଳକୁ ସମପରିମିତ ଜଳବାୟୁ ଭାବରେ ବିଚାର କରାଯାଏ ।



ଚିତ୍ର 15.1 ଚିରହରିତ ବୃଷ୍ଟିଅରଣ୍ୟ ଜୀବାଳି

**(ii) ପ୍ରାକୃତିକ ଉଦ୍ଭିଦ (ଶାକାଳି) ଓ ପ୍ରାଣୀ ଜୀବନ :**

ତାପ ଓ ଜଳୀୟବାଷ୍ପର ମିଶ୍ରଣ ଏହି ଜୀବାଳିକୁ ଅନେକ ପ୍ରକାରର ଉଦ୍ଭିଦ ଓ ପ୍ରାଣୀ ନିମିତ୍ତ ଏକ ଉତ୍ତମ ପରିବେଶ ପ୍ରଦାନ କରିଅଛି । ଏକ ବର୍ଗ କିଲୋମିଟର ସ୍ଥାନରେ ହଜାର ହଜାର ଭିନ୍ନ ଭିନ୍ନ ପ୍ରକାରର ଉଦ୍ଭିଦ ଗୋତ୍ର ରହୁଥିବା କାରଣରୁ ଏହାର ଉଦ୍ଭିଦ ଗୋତ୍ରର ବିଭିନ୍ନତା ସମ୍ବନ୍ଧରେ ଜଣାପଡ଼େ । ଅଧିକାଂଶ ବୃକ୍ଷର କାଣ୍ଡ ଲଗାଲଗି ହୋଇ ରହିଥାଏ । ସଂକୀର୍ଣ୍ଣ ଚେର ଓ ବୃହତ୍ କଳା ଚିରହରିତ୍ ପତ୍ର ରହିଥାଏ । ଚିରହରିତ ବୃଷ୍ଟି ଅରଣ୍ୟ ତିନିଗୋଟି ସ୍ତରରେ ସଜ୍ଜିତ ହୋଇ ରହିଥାଏ । (a) ପତ୍ରବିତାନ କିମ୍ବା ଉପରସ୍ତର ଯେଉଁଠାରେ ବୃକ୍ଷଗୁଡ଼ିକ ପ୍ରାୟ 20 ମିଟରରୁ 50 ମିଟର ମଧ୍ୟରେ ରହିଥାଏ । ଏଗୁଡ଼ିକ ମଧ୍ୟରୁ ଅଧିକାଂଶ ଏବୋନି, ମେହୋଗାନି, ରୋଜ୍‌ଉଡ୍, ଚନ୍ଦନକାଠ, ସିଙ୍କୋନା ଇତ୍ୟାଦି ପରି ଶକ୍ତ କାଷ୍ଠ ବିଶିଷ୍ଟ ବୃକ୍ଷ । (b) ଦ୍ୱିତୀୟ ସ୍ତରର ବୃକ୍ଷଗୁଡ଼ିକ ମଧ୍ୟବର୍ତ୍ତୀ ସ୍ତରର ଯେଉଁଥିରେ ବୃକ୍ଷଗୁଡ଼ିକ ପ୍ରାୟ 10 ମିଟରରୁ 20 ମିଟର ମଧ୍ୟରେ ହୋଇଥାଏ । ତାଳଗଛ ହେଉଛି ଏହି ଶ୍ରେଣୀର ମୁଖ୍ୟ ବୃକ୍ଷ । ତାଳଗଛ ବ୍ୟତୀତ ଉପରିନିବାସୀ (epiphytic) ଓ ପରାଙ୍ଗପୁଷ୍ଟ (parasitic) ଉଦ୍ଭିଦ ମଧ୍ୟ ଏହି ସ୍ତରରେ ଦେଖାଯାନ୍ତି । (c) ତୃତୀୟ କିମ୍ବା ନିମ୍ନସ୍ତରଟି ଭୂ-ପୃଷ୍ଠରୁ ପ୍ରାୟ 10 ମିଟର ଉଚ୍ଚତା ପର୍ଯ୍ୟନ୍ତ ରହିଥାନ୍ତି । ଅର୍କିଡ଼ (Orchids), ଫର୍ଣ୍ଣ, ମସ୍, ହର୍ବ, କଦଳୀ, ସପୁରୀ ଇତ୍ୟାଦି ପରି ଅନେକ ପ୍ରକାରର ଉଦ୍ଭିଦ ଏହି ଶ୍ରେଣୀରେ ଦେଖାଯାନ୍ତି । ଉଚ୍ଚ ଓ ପ୍ରଶସ୍ତ ପତ୍ର ବିଶିଷ୍ଟ ଉଦ୍ଭିଦ ଥିବା କାରଣରୁ ସୂର୍ଯ୍ୟକିରଣ ନିମ୍ନତମ ସ୍ତର କିମ୍ବା ଭୂ-ପୃଷ୍ଠରେ ପଡ଼ିପାରି ନଥାଏ । ଏହି ସ୍ତରରେ ସ୍ୱଳ୍ପ ଆଲୋକ ସଂଶ୍ଳେଷଣ ପ୍ରକ୍ରିୟା ଯୋଗୁଁ ଉଦ୍ଭିଦ ଗୋତ୍ରର ସଂଖ୍ୟା ଅତ୍ୟନ୍ତ କମ୍ ।

ଉଦ୍ଭିଦ ପରି ଚିରହରିତ୍ ବୃଷ୍ଟି ଅରଣ୍ୟରେ ମଧ୍ୟ ଅନେକ ପ୍ରକାରର ପକ୍ଷୀ, ସ୍ତନ୍ୟପାୟୀ ପ୍ରାଣୀ, କୀଟ ଇତ୍ୟାଦି ବାସ କରିଥାନ୍ତି । ଏହି ଜୀବାଳିର କେତେକ ପ୍ରଧାନ ପ୍ରାଣୀ ହେଲେ ଜାଗୁଆର, ଲେମୁର, ଓରାଙ୍ଗୁଟାନ, ହାତୀ ଇତ୍ୟାଦି । ମାକ୍ ଶୁଆ, ସ୍ଲଥ ଓ ଟାଉକାନ୍ ହେଉଛନ୍ତି ଏହି ଅଞ୍ଚଳର କେତେକ ପ୍ରଧାନ ପକ୍ଷୀ । ଅଧିକାଂଶ ପକ୍ଷୀ ହେଉଛନ୍ତି ବିଭିନ୍ନ ରଙ୍ଗର । ଏହି ଅଞ୍ଚଳର ଜଳବାୟୁଗୁଡ଼ିକ ମଧ୍ୟ କୁମ୍ଭୀର, ଟ୍ୟାକୁଲେସ୍, ମାଛ, ବେଙ୍ଗ, ଜଳହସ୍ତୀ ଇତ୍ୟାଦିରେ ପରିପୂର୍ଣ୍ଣ । ନିମ୍ନଭାଗରେ ଅପ୍ରବେଶ୍ୟ ଓ ଘଞ୍ଚ ଉଦ୍ଭିଦ ବୃଦ୍ଧି ଯୋଗୁଁ ଅଧିକାଂଶ କୀଟପତଙ୍ଗ, ପକ୍ଷୀ ଓ ପ୍ରାଣୀ ବୃକ୍ଷଗୁଡ଼ିକର ଡାଳରେ ବାସ କରିଥାନ୍ତି । ସାଧାରଣତଃ ସେମାନେ ତଳକୁ ଭୂ-ପୃଷ୍ଠକୁ ଆସିନଥାନ୍ତି ।

ଟିପ୍ପଣୀ(Notes)

କ୍ରାନ୍ତୀୟ ବୃଷ୍ଟି ଅରଣ୍ୟ ଜୀବାଳିର ଉତ୍ପାଦକତା ପୃଥିବୀର ସମସ୍ତ ପ୍ରକାର ଜୀବାଳି ଅପେକ୍ଷା ସର୍ବାଧିକ । ଏହା ସୂଚୀତ କରାଯାଇପାରେ ଯେ ବୃଷ୍ଟି ଅରଣ୍ୟ ଜୀବାଳି ପୃଥିବୀର ସମୁଦାୟ ଭୌଗୋଳିକ ଅଞ୍ଚଳର ମାତ୍ର 13 ଶତାଂଶ ହେଲେହେଁ ଏହି ଜୀବଳିରେ ପୃଥିବୀର ସମୁଦାୟ ଉତ୍ପାଦିକତାର 40 ଶତାଂଶ ମିଳିଥାଏ ।

**(iii) ମାନବୀୟ ପ୍ରତିକ୍ରିୟା :**

ବିଭିନ୍ନ ବିକାଶମୂଳକ କାର୍ଯ୍ୟକଳାପ ମାଧ୍ୟମରେ ମନୁଷ୍ୟ ସମାଜ ମଧ୍ୟ ଏହି ଜୈବ ପରିପୂର୍ଣ୍ଣ ପରିସଂସ୍ଥାକୁ ନଷ୍ଟ କରିବାକୁ ଆରମ୍ଭ କରିଛି । ଏହି କାର୍ଯ୍ୟକଳାପ ଗୁଡ଼ିକ ହେଲା ବୃହତ୍ ନଦୀବନ୍ଧ ଓ ଜଳଭଣ୍ଡାର ଏବଂ ସଡ଼କ ଓ ରାଜପଥ ନିର୍ମାଣ, କାଠ କାଟିବା, ଶଲ୍ୟ କିମ୍ବା ଚାରଣଭୂମି ନିମିତ୍ତ, ଅରଣ୍ୟ କ୍ଷୟ, ଭୂମିହୀନ କୃଷକ ନିମିତ୍ତ ଭୂମି ଅଧିଗ୍ରହଣ ଓ ଜଙ୍ଗଲ ପରିଷ୍କାର କରିବା ଇତ୍ୟାଦି ।

ପାରିସ୍ଥିତିକ ବିଜ୍ଞାନୀମାନେ ଯୁକ୍ତି କରନ୍ତି ଯେ ଯଦି ବର୍ତ୍ତମାନ ହାରରେ ଅରଣ୍ୟ କ୍ଷୟ ହୋଇଚାଲେ, ତାହାହେଲେ 2020 ସୁଦ୍ଧା ପୃଥିବୀର ସମୁଦାୟ ଅବିଶୃଙ୍ଖଳିତ ବୃଷ୍ଟି ଅରଣ୍ୟ ଅଦୃଶ୍ୟ ହୋଇଯିବାର ସମ୍ଭାବନା ଦେଖାଯାଏ । ଏହା ଜୈବିକ ସମ୍ପଦର ଏକ ଅସଜଡ଼ା କ୍ଷତିଆଡ଼କୁ ଅଗ୍ରସର ହୋଇପାରେ । ସମସ୍ତ ପ୍ରକାର ଜ୍ଞାନ ଉଦ୍ଭିଦ ଓ ପ୍ରାଣୀର ଗୋତ୍ରର ପ୍ରାୟ 40 ଶତାଂଶ ବୃଷ୍ଟି ଅରଣ୍ୟରେ ରହିଅଛି । ବୃଷ୍ଟି ଅରଣ୍ୟରୁ ପରିଷ୍କୃତ କରାଗଲେ ଶକ୍ତ କାଠର ବୃକ୍ଷ ଓ କୁଇନାଇନ, ରବର, ପନିପରିବା, ଅଠା ଇତ୍ୟାଦି ଅରଣ୍ୟଜାତ ପଦାର୍ଥ ଇତ୍ୟାଦି ପରି ମୂଲ୍ୟବାନ୍ ପ୍ରାକୃତିକ କ୍ଷତି ସାଧିତ ହେବ ।

ଏହି କ୍ଷତି ଯେ କେବଳ ପାରିସ୍ଥିତିକ ତା' ନୁହେଁ, ଏହା ମଧ୍ୟ ପାରିବେଶିକ ପରିଣାମ ନିମିତ୍ତ ଅତ୍ୟଧିକ ତାତ୍ପର୍ଯ୍ୟପୂର୍ଣ୍ଣ । ବିଶ୍ୱ ପାଗ ବିନ୍ୟାସ, ମୃତ୍ତିକାକ୍ଷୟ, କ୍ରାନ୍ତୀୟ ଅଞ୍ଚଳରେ ନଦୀକୃତ ବନ୍ୟା ଇତ୍ୟାଦି ବିଭିନ୍ନ ପାରିବେଶିକ ସେବାକୁ ନିୟନ୍ତ୍ରିତ କରିବାରେ ଚିରହରିତ ଅରଣ୍ୟ କାର୍ଯ୍ୟ କରିଥାଏ । ଏକ ଅଙ୍ଗାରଭଣ୍ଡାରକୁ ଲୋକପକରି ସବୁଜ ଗୃହ ପ୍ରଭାବ ଓ ବିଶ୍ୱତାପନକୁ କିପରି ପ୍ରଭାବିତ କରୁଛି କ୍ରାନ୍ତୀୟ ଅରଣ୍ୟ କ୍ଷୟ ତା'ର ଏକ ଦୃଷ୍ଟାନ୍ତ ଦର୍ଶାଉଛି ।

**ପାଠ୍ୟ ଅନ୍ତର୍ଗତ ପ୍ରଶ୍ନାବଳୀ 15.1**

1. ଗୋଟିଏ ବାକ୍ୟରୁ ଅଧିକ ନ କରି ଉତ୍ତର ଦିଅ ।

(i) ଉତ୍ତର ଓ ଦକ୍ଷିଣ ଗୋଲାର୍ଦ୍ଧରେ କ୍ରାନ୍ତୀୟ ଚିରହରିତ ଅରଣ୍ୟର ଅକ୍ଷାଂଶୀୟ ବିସ୍ତୃତି କେତେ ?

..........................................................................................

(ii) କ୍ରାନ୍ତୀୟ ଚିରହରିତ ଅରଣ୍ୟରେ ଦିବସର କେଉଁଭାଗରେ ଅତ୍ୟଧିକ ବୃଷ୍ଟିପାତ ହୋଇଥାଏ ?

..........................................................................................

(iii) ତିନିଗୋଟି ସ୍ତରର ନାମ ଲେଖ ଯେଉଁଥିରେ କ୍ରାନ୍ତୀୟ ଚିରହରିତ ଅରଣ୍ୟ ଜୀବାଳିରେ ଉଦ୍ଭିଦ ଗୋତ୍ରଗୁଡ଼ିକ ସଜ୍ଜିତହୋଇ ରହିଛନ୍ତି ?

(a) ............ (b) ................ (c) ...............

(iv) କ୍ରାନ୍ତୀୟ ଚିରହରିତ ଅରଣ୍ୟରେ ଅରଣ୍ୟକ୍ଷୟ ପାଇଁ ଯେଉଁ ତିନିଗୋଟି କାରକ ଦାୟୀ, ତା'ର ନାମ ଲେଖ ।

(i) ............ (ii) .............. (iii) .................

(v) କ୍ରାନ୍ତୀୟ ଚିରହରିତ ଅରଣ୍ୟର କ୍ଷୟଯୋଗୁଁ କେଉଁ ଦୁଇଟି ମୁଖ୍ୟ ପାରିବେଶିକ ପରିଣାମ ଦେଖାଯାଇଥାଏ ?

(a) ............................ (b) ...........................

## 15.4 ନାତିଶୀତୋଷ୍ଣୀୟ ତୃଣଭୂମି ଜୀବାଳି

### (i) ଭୌଗୋଳିକ ପୃଷ୍ଠଭୂମି-

ନାତିଶୀତୋଷ୍ଣୀୟ ତୃଣଭୂମିଗୁଡ଼ିକ ଦୁଇଟି ବିଶେଷ ଧରଣର ଅବସ୍ଥାନରେ ଅବସ୍ଥିତ, ଯଥା: ଉତ୍ତର ଗୋଲାର୍ଦ୍ଧରେ ମହାଦେଶର ଅଭ୍ୟନ୍ତରରେ ଏବଂ ଦକ୍ଷିଣ ଗୋଲାର୍ଦ୍ଧରେ ମହାଦେଶର ସୀମାରେ । ସେଥିପାଇଁ ଦକ୍ଷିଣ ଗୋଲାର୍ଦ୍ଧର ନାତିଶୀତୋଷ୍ଣୀୟ ତୃଣଭୂମି ଗୁଡ଼ିକର ଉତ୍ତର ଗୋଲାର୍ଦ୍ଧର ତୃଣଭୂମି ଗୁଡ଼ିକ ଅପେକ୍ଷା ମଧ୍ୟମ ଧରଣର ଜଳବାୟୁ ଦେଖାଯାଏ, କାରଣ ଏଗୁଡ଼ିକ ଉପକୂଳର ନିକଟବର୍ତ୍ତୀ ହୋଇଥିବାରୁ ଅଧିକ ସାମୁଦ୍ରିକ ପ୍ରଭାବ ଦ୍ୱାରା ପ୍ରଭାବିତ । ଉତ୍ତର ଗୋଲାର୍ଦ୍ଧର ନାତିଶୀତୋଷ୍ଣୀୟ ତୃଣଭୂମି ଗୁଡ଼ିକରେ ମହାଦେଶୀୟ ଜଳବାୟୁର ଲକ୍ଷଣ ଦେଖାଯାଏ, ଯେଉଁଥିରେ ଗ୍ରୀଷ୍ମଋତୁରେ ଓ ଶୀତଋତୁରେ ଚରମ ତାପମାତ୍ରା ବିଶେଷ ଭାବରେ ଦେଖାଯାଏ । ଯଦିଓ ଦକ୍ଷିଣ ଗୋଲାର୍ଦ୍ଧରେ ତୃଣଭୂମିଗୁଡ଼ିକ ଉପକୂଳ ଉପରେ ଅବସ୍ଥିତ, ତଥାପି ଏଗୁଡ଼ିକ ଉଚ୍ଚ ଉପକୂଳୀୟ ପର୍ବତ ଗୁଡ଼ିକର ବୃଷ୍ଟିଛାୟା ଅଞ୍ଚଳରେ ଅବସ୍ଥିତ । ଏହି ଅଞ୍ଚଳଗୁଡ଼ିକରେ ଅବସ୍ଥିତ ସ୍ଥାନଗୁଡ଼ିକରେ ସ୍ୱଳ୍ପ ବୃଷ୍ଟିପାତ ହୋଇଥାଏ ।

ଏହି ତୃଣଭୂମିଗୁଡ଼ିକ ବିଭିନ୍ନ ନାମରେ ସମସ୍ତ ମହାଦେଶରେ ଦେଖାଯାଏ । ଉତ୍ତର ଗୋଲାର୍ଦ୍ଧରେ ତୃଣଭୂମିଗୁଡ଼ିକ ଅଧିକ ଭାବରେ ବିସ୍ତୃତ । ଇଉରେସିଆରେ ଏଗୁଡ଼ିକୁ ଷ୍ଟେପୀବୋଲି କୁହାଯାଏ ଏବଂ କୃଷ୍ଣ ସାଗରର କୂଳରୁ ପୂର୍ବଆଡ଼କୁ ଚୀନର ମାଞ୍ଚୁରିଆ ସମତଳ ପର୍ଯ୍ୟନ୍ତ ଏହା ବିସ୍ତୃତ । ଉତ୍ତର ଆମେରିକାର ତୃଣଭୂମିଗୁଡ଼ିକ ବିଶେଷଭାବେ ବିସ୍ତୃତ ଏବଂ ସେଗୁଡ଼ିକୁ ପ୍ରେରୀ ବୋଲି କୁହାଯାଏ । ସେଗୁଡ଼ିକ ରକି ପର୍ବତର ପାଦଦେଶ ଓ ଗ୍ରେଟ ଲେକ୍‌ସର ମଧ୍ୟରେ ଅବସ୍ଥିତ । ଦକ୍ଷିଣ ଗୋଲାର୍ଦ୍ଧରେ ଏହି ତୃଣଭୂମିଗୁଡ଼ିକ କମ୍ ଭାବରେ ବିସ୍ତୃତ । ଏଗୁଡ଼ିକୁ ଆର୍ଜେଣ୍ଟିନା ଓ ଉରୁଗେରେ ପମ୍ପାସ ବୋଲି କୁହାଯାଏ । ଦକ୍ଷିଣ ଆଫ୍ରିକାରେ ଏହି ତୃଣଭୂମିଗୁଡ଼ିକ ଡାର୍କେନ୍‌ସବର୍ଗ ପର୍ବତ ଓ କାଲାହାରୀ ମରୁଭୂମି ମଧ୍ୟରେ ସୀମିତ ଏବଂ ଏହାକୁ ଭେଲ୍‌ଟ ବୋଲି କୁହାଯାଏ । ଅଷ୍ଟ୍ରେଲିଆରେ ଏହି ତୃଣଭୂମିଗୁଡ଼କ ଡାଉନ୍‌ସ ନାମରେ ପରିଚିତ ଓ ଦକ୍ଷିଣ ଅଷ୍ଟ୍ରେଲିଆର ମରେ=ଡାର୍ଲିଙ୍ଗ ନଦୀ ଉପତ୍ୟକାରେ ଏହା ଦେଖାଯାଏ । ଯେହେତୁ ଏ ସମସ୍ତ ତୃଣଭୂମିଗୁଡ଼ିକ ନାତିଶୀତୋଷ୍ଣ ମଣ୍ଡଳରେ ଅବସ୍ଥିତ, ସେଗୁଡ଼ିକ ନାତିଶୀତୋଷ୍ଣୀୟ ତୃଣଭୂମିଭାବରେ ପରିଚିତ । (15.2 ଚିତ୍ର ଦେଖ)




ଚିତ୍ର 15.2 ନାତିଶୀତୋଷ୍ଣୀୟ ତୃଣଭୂମି ଜୀବାଳି

**(ii) ପ୍ରାକୃତିକ ଉଦ୍ଭିଦ ଓ ଜୀବଜନ୍ତୁ :**

ଯେହେତୁ ବୃକ୍ଷ ବୃଦ୍ଧିପାଇଁ ବର୍ଷଣ ଅତ୍ୟନ୍ତ କମ୍, କିନ୍ତୁ ତୃଣ ପାଇଁ ଏହା ଯଥେଷ୍ଟ ହୋଇଥାଏ । ଏହି ଅଞ୍ଚଳରେ ପ୍ରାକୃତିକ ଉଦ୍ଭିଦ ବୃକ୍ଷହୀନ ତୃଣଭୂମିକୁ ନେଇ ଗଠିତ । ଏଗୁଡ଼ିକ ଅଧିକ ଉର୍ବରତା ଓ ବର୍ଷଣ ପାଉଥିବା ପାର୍ବତ୍ୟ ଢାଲୁରେ ଦେଖାଯାଏ । ବର୍ଷଣର ପରିମାଣ ଓ ମୃତ୍ତିକାର ଉର୍ବରତା ଅନୁସାରେ ତୃଣଗୁଡ଼ିକର ଉଚ୍ଚତା ସ୍ଥାନାନୁସାରେ ପୃଥକ୍ ହୋଇଥାଏ । ଷ୍ଟେପୀଗୁଡ଼ିକ ନିର୍ଦ୍ଦିଷ୍ଟଭାବରେ କ୍ଷୁଦ୍ର ଓ ପୁଷ୍ଟିକର ତୃଣ । ଋତୁ ଅନୁଯାୟୀ ଏହି ତୃଣଗୁଡ଼ିକ ଏହି ଭୂମିଗୁଡ଼ିକରେ ଦେଖାଯାଏ । ବସନ୍ତ ଋତୁରେ ଏହି ତୃଣଗୁଡ଼ିକ ସବୁଜ ରଙ୍ଗର, ସ୍ୱଚ୍ଛ ଏବଂ କ୍ଷୁଦ୍ର ଓ ରଙ୍ଗୀନ ପୁଷ୍ପଦ୍ୱାରା ମଣ୍ଡିତ ହୋଇଥିବାର ଦେଖାଯାଏ । ଗ୍ରୀଷ୍ମଋତୁରେ ଟାଣ ଖରା ଓ ବାଷ୍ପୀଭବନ ଯୋଗୁଁ ସବୁଜ ତୃଣ ପୀତରଙ୍ଗରେ ଓ ପରେ ଧୂଷର ରଙ୍ଗରେ ପରିବର୍ତ୍ତିତ ହୋଇଥାଏ । ଶରତଋତୁ ଆଡ଼କୁ ତୃଣଗୁଡ଼ିକ ହଟିଯାଏ ଓ ମରିଯାଏ, କିନ୍ତୁ ମୂଳଗୁଡ଼ିକ ଜୀବନ୍ତ ରହେ ଓ ସମଗ୍ର ଶୀତଳ ଶୀତଋତୁରେ ସୁପ୍ତ ରହିଥାଏ । ବସନ୍ତଋତୁ ଆସିଲେ ସମସ୍ତ ଚକ୍ର ପୁନର୍ବାର କାର୍ଯ୍ୟକ୍ଷମ ହୋଇଥାଏ ।

ଏହି ତୃଣଭୂମିଗୁଡ଼ିକ ବିଭିନ୍ନ ପ୍ରକାର ପ୍ରାଣୀମାନଙ୍କର ପ୍ରାକୃତିକ ବାସସ୍ଥାନ ହୋଇଥାଏ । କୃଷ୍ଣସାର ମୃଗ, ବନ୍ୟଗଧ, ଘୋଡ଼ା, ଗଧିଆ, କଙ୍ଗାରୁ, ଏମୁ ଓ ଡିଙ୍ଗୋ କିମ୍ବା ବନ୍ୟ କୁକୁର ଏମାନଙ୍କ ମଧ୍ୟରେ ବିଶେଷ ଉଲ୍ଲେଖଯୋଗ୍ୟ ।

**(iii) ମାନବୀୟ ପ୍ରତିକ୍ରିୟା :**

ନାତିଶୀତୋଷ୍ଣୀୟ ତୃଣଭୂମି ଜୀବାଳି ଯେତେ ପରିମାଣରେ ପରିବର୍ତ୍ତନ ମଧ୍ୟଦେଇଯାଇଛି, ଅନ୍ୟ କୌଣସି ଜୀବାଳିରେ ଦେଖାଯାଏ ନାହିଁ । ଏହା ମନୁଷ୍ୟମାନଙ୍କର କାର୍ଯ୍ୟକଳାପ ଯୋଗୁଁ ଘଟିଥାଏ । (i) ଅଧିକାଂଶ ତୃଣଭୂମି କୃଷିଭୂମିରେ ପରିବର୍ତ୍ତିତ ହୋଇଛି, ଯାହାକି ଏବେ ପ୍ରସିଦ୍ଧ 'ପୃଥିବୀର ଶସ୍ୟଭଣ୍ଡାର' ହୋଇଛି । (ii) ଏହି ଅକ୍ଷତ ତୃଣଭୂମିଗୁଡ଼ିକର ପରିବର୍ତ୍ତନ ପାଇଁ ଦାୟୀ ଦ୍ୱିତୀୟ ଗୁରୁତର କାରଣ ହେଉଛି ପଶୁଚାରଣ କିମ୍ବା ପ୍ରାଣୀମାନଙ୍କୁ ଗୃହପାଳିତ କରିବା । ଆଜିକାଲି ଅକ୍ଷତ ତୃଣଭୂମି ପ୍ରାୟତଃ ଦେଖାଯାଏ ନାହିଁ । (iii) ପ୍ରାଣୀମାନଙ୍କୁ ଅଧିକ ପରିମାଣରେ ଶୀକାର କରିବା ଯୋଗୁଁ କେତେକ ପ୍ରାଣୀମାନଙ୍କର ସଂଖ୍ୟାରେ ଦୃଷ୍ଟିଗତ ହ୍ରାସ ପରିଲକ୍ଷିତ ହୋଇଛି । ଉଦାହରଣ ସ୍ୱରୂପ, କୃଷ୍ଣସାର ମୃଗ,

ଜେବ୍ରା, ସିଂହ, ଚିତାବାଘ, ହେୟେନା ପ୍ରଭୃତି ଅନେକ ପ୍ରାଣୀ ଗୋତ୍ର ଇଉରୋପୀୟ ଆପ୍ରବାସୀମାନଙ୍କର ଅବିଚାରିତ ପଶୁ ଶୀକାର ଦ୍ୱାରା ଆଫ୍ରିକୀୟ ଭେଲ୍‌ଟରୁ ନିଶ୍ଚିହ୍ନ ହୋଇଯାଇଛନ୍ତି । (iv) ନୂତନ ପ୍ରାଣୀ ଓ ବୃକ୍ଷଗୋତ୍ରର ପ୍ରଚଳନ ଯୋଗୁଁ ଆଦିମ ଉଦ୍ଭିଦର ଗଠନରେ ସମ୍ପୂର୍ଣ୍ଣଭାବେ ପରିବର୍ତ୍ତିତ ହୋଇଛି । ଉଦାହରଣ ସ୍ୱରୂପ, ଅଷ୍ଟ୍ରେଲିଆରେ ଇଉରୋପୀୟ ଉପନିବେଶକାରୀମାନଙ୍କ ଦ୍ୱାରା ପ୍ରଚଳିତ ମେଷମାନଙ୍କ ଯୋଗୁଁ ମୂଳରୁ ଚଳିଆସୁଥିବା ଆଦିମ ପଶୁମାନଙ୍କ ଦ୍ୱାରା ଆଦୃତ ଉଦ୍ଭିଦଗୋଷ୍ଠୀର ଗଠନରେ ପରିବର୍ତ୍ତନ ଆସିଛି । ଏହିପରି ଅଷ୍ଟ୍ରେଲୀୟ ନାତିଶୀତୋଷ୍ଣୀୟ ତୃଣଭୂମିରେ କିଛି ତୈଳବୀଜ ଉଦ୍ଭିଦର ପ୍ରଚଳନ ଯୋଗୁଁ ଅନେକ ମୂଳ ପ୍ରବହମାନ ତୃଣ ଲୋପପାଇଯାଇଛି ।

**ପାଠ୍ୟ ଅନ୍ତର୍ଗତ ପ୍ରଶ୍ନାବଳୀ 15.2**

1. ବନ୍ଧନୀ ମଧ୍ୟରେ ପ୍ରଦତ୍ତ ଶବ୍ଦରୁ ଯଥୋଚିତ ଶବ୍ଦ ବାଛି ଶୂନ୍ୟସ୍ଥାନ ପୂରଣ କର :

   (ଶସ୍ୟଭଣ୍ଡାର, ଅଭ୍ୟନ୍ତର, ନିମ୍ନ, ଅଧିକ, କମ୍)

   (a) ଉତ୍ତର ଗୋଲାର୍ଦ୍ଧରେ ମଧ୍ୟ-ଅକ୍ଷାଂଶୀୟ ତୃଣଭୂମିଗୁଡ଼ିକ ମହାଦେଶଗୁଡ଼ିକର .......... ଅଂଶରେ ଅବସ୍ଥିତ ।

   (b) ମଧ୍ୟ-ଅକ୍ଷାଂଶୀୟ ତୃଣଭୂମିରେ ବାର୍ଷିକ ବର୍ଷଣ ଅତି ............ ଅଟେ ।

   (c) ଉତ୍ତର ଗୋଲାର୍ଦ୍ଧରେ ତୃଣଭୂମିଗୁଡ଼ିକ ଅଧିକ ବିସ୍ତୃତ ମାତ୍ର ଦକ୍ଷିଣ ଗୋଲାର୍ଦ୍ଧରେ ତୃଣଭୂମିଗୁଡ଼ିକ ............ ବିସ୍ତୃତ ।

   (d) ମଧ୍ୟ ଅକ୍ଷାଂଶୀୟ ତୃଣଭୂମିଗୁଡ଼ିକ ପୃଥିବୀର ........... ଭାବରେ ପରିଚିତ ।

2. ନିମ୍ନଲିଖିତ ଗୁଡ଼ିକ ମଧ୍ୟରେ ସମ୍ବନ୍ଧ ଦର୍ଶାଅ ।

| ମହାଦେଶ | ତୃଣଭୂମିର ନାମ |
|---|---|
| (a) ଦକ୍ଷିଣ ଆଫ୍ରିକା | (i) ପ୍ରେରୀ |
| (b) ଉଇରେସିଆ | (ii) ପମ୍ପାସ |
| (c) ଉତ୍ତର ଆମେରିକା | (iii) ଭେଲ୍‌ଟ |
| (d) ଅଷ୍ଟ୍ରେଲିଆ | (iv) ଷ୍ଟେପୀ |
| (e) ଦକ୍ଷିଣ ଆମେରିକା | (v) ଡ଼ାଉନ୍‌ସ୍ |

## 15.5 ସୁମେରୁ ଦେଶୀୟ ତୁନ୍ଦ୍ରା ଜୀବାଳି

### (i) ଭୌଗୋଳିକ ପୃଷ୍ଠଭୂମି :

ନିହାତି ପକ୍ଷେ ଏହା ଏକ ଶୀତଳ ମରୁଭୂମି ଯେଉଁଠାରେ ବାୟୁମଣ୍ଡଳୀୟ ଜଳୀୟବାଷ୍ପ ଅତ୍ୟନ୍ତ ଦୁଷ୍ପ୍ରାପ୍ୟ ଓ ଗ୍ରୀଷ୍ମଋତୁ ଅତି କ୍ଷୁଦ୍ର ଓ ଶୀତଳ, ତେଣୁ ବୃକ୍ଷଗୁଡ଼ିକ ରକ୍ଷା ପାଇପାରିନଥାନ୍ତି । ଏହି ଜୀବାଳି ଉତ୍ତର ଗୋଲାର୍ଦ୍ଧର ଉତ୍ତର ସୀମାରେ ବିତରିତ । ଏହା ଆଲାସ୍କାର କିଛି ଅଂଶ, କାନାଡ଼ାର ଉତ୍ତରଭାଗ, ଗ୍ରୀନଲ୍ୟାଣ୍ଡର ଉପକୂଳବର୍ତ୍ତୀ ଅଞ୍ଚଳ ଏବଂ ରୁଷିଆ ଓ ଉତ୍ତର ସାଇବେରିଆର ସୁମେରୁ ଦେଶୀୟ ଉପକୂଳବର୍ତ୍ତୀ ଅଞ୍ଚଳରେ ପରିବ୍ୟାପ୍ତ । (15.3 ଚିତ୍ର ଦେଖ)

ଟିପ୍ପଣୀ(Notes)




ଚିତ୍ର 15.3 ସୁମେରୁ ଦେଶୀୟ ତୁନ୍ଦ୍ରା ଜୀବାଳି

**(ii) ପ୍ରାକୃତିକ ଉଦ୍ଭିଦ ଓ ଜୀବଜନ୍ତୁ :**

ଏହି ଉଦ୍ଭିଦ ଆଚ୍ଛାଦନ ସାଧାରଣଭାବେ ଗୋତ୍ରଗୁଡ଼ିକର ସମିଶ୍ରଣକୁ ନେଇ ଗଠିତ । ଏଥିରୁ ଅନେକ ଗୋତ୍ର ବାମନ ଜାତୀୟ, ଯଥା: ତୃଣ, ଶୈବାଳ, ଛତୁ, ପୁଷ୍ପିତ ଗୁଳ୍ମ ଏବଂ ବିକ୍ଷିପ୍ତ କ୍ଷୁଦ୍ର ବୁଦାଗଛ । ଏହି ଉଦ୍ଭିଦଗୁଡ଼ିକ କେତେକାଂଶରେ ଏକ ଘଞ୍ଚ ଭୂମିକୁ ସ୍ପର୍ଶ କରି ରେଖା ଭାବରେ ରହିଥାନ୍ତି । ଉଦ୍ଭିଦଗୁଡ଼ିକ ସେମାନଙ୍କର ବାର୍ଷିକ ଚକ୍ର ସଂକ୍ଷିପ୍ତ ଗ୍ରୀଷ୍ମଋତୁରେ ଶୀଘ୍ର ଶୀଘ୍ର ଶେଷ କରିଥାନ୍ତି । ଏହି ସମୟରେ ଭୂମି ପ୍ରାୟତଃ ଆଶାନୁରୂପ ପୃଷ୍ଠ ଜଳପ୍ରବାହ ହୋଇନପାରିବାରୁ ଆର୍ଦ୍ର ଓ ଜଳବନ୍ଦୀ ହୋଇ ରହିଥାଏ ।

ଏହି ଜୀବାଳିରେ ଥିବା ଜୀବଜନ୍ତୁଗୁଡ଼ିକର ଶ୍ରେଣୀବିଭାଗ ଏପରି କରାଯାଇପାରେ- (i) ଆବାସୀ ଓ (ii) ପ୍ରବାସୀ । ଟାର୍‌ମିଗାନ (ptarmigan) ପରି ଆବାସୀ ପ୍ରାଣୀ ନିଜକୁ ପରିବର୍ତ୍ତିତ ଜଳବାୟୁ ଅବସ୍ଥାରେ ଯଥୋପଯୋଗୀ କରିପାରନ୍ତି । ଅପରପକ୍ଷରେ, ପ୍ରବାସୀ ପ୍ରାଣୀମାନେ ଶୀତଋତୁ ଆରମ୍ଭ ହେଲେ ଉଷ୍ଣସ୍ଥାନଗୁଡ଼ିକୁ ସ୍ଥାନାନ୍ତରିତ ହୋଇଥାନ୍ତି । ଉଦାହରଣ ସ୍ୱରୂପ, ଜଳଚରପକ୍ଷୀ (water fowl), ବତକ, ହଂସ, ହଂସରାଳି ଇତ୍ୟାଦି ପକ୍ଷୀମାନେ । ଏମାନେ ଶରତଋତୁର ପ୍ରଥମ ଭାଗରେ ନିଜର ରହିବାସ୍ଥାନ ଛାଡ଼ିଯାଆନ୍ତି ଓ ଆଗାମୀ ବସନ୍ତ କିମ୍ବା ଗ୍ରୀଷ୍ମଋତୁର ପ୍ରାରମ୍ଭରେ ପ୍ରତ୍ୟାବର୍ତ୍ତନ କରିଥାନ୍ତି । କ୍ଷୁଦ୍ର ଅବଧି ବିଶିଷ୍ଟ ଉଷ୍ଣ ଋତୁରେ ମଶା, ମାଛି ଓ ଅନ୍ୟାନ୍ୟ କୀଟପତଙ୍ଗ ଅଧିକ ସଂଖ୍ୟାରେ ଜନ୍ମ ହୋଇଥାନ୍ତି, ଅଣ୍ଡା ଦେଇଥାନ୍ତି ଯାହାକି ଅତ୍ୟଧିକ ଶୀତରେ ବଞ୍ଚିରହିପାରନ୍ତି । ଅନ୍ୟାନ୍ୟ ଧରଣର ଜୀବଜନ୍ତୁ ଦୁଷ୍ପ୍ରାପ୍ୟ । ସ୍ତନ୍ୟପାୟୀ ପ୍ରାଣୀର କେତେକ ଗୋତ୍ର ଓ ମଧୁର ଜଳର ମାଛ ଦେଖାଯାନ୍ତି, କିନ୍ତୁ ପ୍ରାୟତଃ କୁମ୍ଭୀର କିମ୍ବା ଜଳ ଜୀବ ଦେଖାଯାଇନଥାନ୍ତି । ଏହା ବ୍ୟତୀତ ବଲ୍‌ଗା ହରିଣ, କୋକିଶିଆଳି, ବିଲୁଆ, ଆମେରିକୀୟ ଲୋମଶ ଷଣ୍ଢ (Musk-Ox), ସୁମେରୀୟ ଠେକୁଆ, ସିଲ୍ ଓ ମେରୁମୂଷା (Lemming) ମଧ୍ୟ ଏହି ଅଞ୍ଚଳରେ ବାସ କରନ୍ତି । ତୁନ୍ଦ୍ରା ଜୀବାଳିରେ ଉତ୍ପାଦିକତା ସର୍ବାପେକ୍ଷା ନିମ୍ନ ।

ଉତ୍ପାଦିକତାର ପରିଭାଷା ହେଉଛି- ଏକ ଏକକ ସ୍ଥାନରେ ଏକ ଏକକ ସମୟରେ ସ୍ୱଭୋଜୀ ପ୍ରାଥମିକ ଉତ୍ପାଦକଗୁଡ଼ିକ ଦ୍ୱାରା ଠୁଳ ହୋଇଥିବା ଜମାହୋଇ ରହିଥିବା ସମୁଦାୟ ଶକ୍ତିର ପରିମାଣକୁ ଉତ୍ପାଦିକତା କୁହାଯାଏ ।

ନିମ୍ନ ଉତ୍ପାଦିକତାର କାରଣଗୁଡ଼ିକ ହେଉଛି- (i) ସର୍ବନିମ୍ନ ସୂର୍ଯ୍ୟାଲୋକ ଓ ସୌରାଭିତାପ, (ii) ମୃତ୍ତିକାରେ ନାଇଟ୍ରୋଜେନ ଓ ଫସଫରସ୍ ପରି ଖାଦ୍ୟସାରର ଅନୁପସ୍ଥିତି ତଥା ଅଭାବ, (iii) ସ୍ୱଳ୍ପ

ବିକଶିତ ଓ ମୃତ୍ତିକା, (iv) ମୃତ୍ତିକାରେ ଆର୍ଦ୍ରତାର ଅଭାବ, (v) ଚିର ବରଫାବୃତ ଭୂମି ଏବଂ (vi) ଅତିଶୟ କ୍ଷୁଦ୍ର ବୃଦ୍ଧି ସମୟ ।

ଗ୍ରୀଷ୍ମଋତୁର ଆଗମନରେ ତୁନ୍ଦ୍ରାରେ ଜୀବନ ଆସେ । ଏ ସମୟରେ ପୁଷ୍ପିତ ଉଦ୍ଭିଦଗୁଡ଼ିକ ଅଧିକ ସଂଖ୍ୟକ ମଶା ଓ ମାଛିକୁ ସହାୟକ ହୋଇଥାନ୍ତି, ଯାହାକି ଅନ୍ୟପକ୍ଷରେ ଅଧିକ ସଂଖ୍ୟକ ପ୍ରବାସୀ ପକ୍ଷୀଙ୍କ ପାଇଁ ଖାଦ୍ୟ ଯୋଗାଇଥାଏ ।

**(iii) ମାନବ ପ୍ରତିକ୍ରିୟା :**

କଠିନ ପରିବେଶ କ୍ଷୁଦ୍ର ଜନସଂଖ୍ୟାକୁ ସହାୟ ହୋଇଥାଏ । ଉଇରେସିଆ ତୁନ୍ଦ୍ରାର ସାମୋୟେନ୍, ଲ୍ୟାପ୍, ଫିନ୍ ଓ ୟାକୁଟ ଆଦିବାସୀ ଏବଂ କାନାଡ଼ା ଓ ଆଲାସ୍କାର ଏସ୍କିମୋ ହେଉଛନ୍ତି ଏହି ସ୍ଥାନର କେତେକ ଆଦିମ ଅଧିବାସୀ ଏବଂ ଶତାବ୍ଦୀ ଶତାବ୍ଦୀ ଧରି ଏମାନେ ଯାଯାବର ଜୀବନଯାପନ କରିଚାଲିଛନ୍ତି । ଏହି ଆଦିବାସୀମାନେ ଏବେ ସ୍ଥାୟୀ କିମ୍ବା ଅର୍ଦ୍ଧଯାଯାବର ଜୀବନ ବିତାଉଛନ୍ତି । ସେମାନେ ନୂତନ ପ୍ରାଦ୍ୟୋଗିକୀ କୌଶଳ ଗ୍ରହଣ କରିଛନ୍ତି । ଉଦାହରଣ ସ୍ୱରୂପ, ପାରମ୍ପରିକ ଓ ପରୁଣାକାଳିଆ ତେଣ୍ଟା ବଦଳରେ ଭୟଙ୍କର ବନ୍ଧୁକ ବ୍ୟବହାର କରାଯାଉଛି । ଏହିପରି ଆଧୁନିକ ଏସ୍କିମୋ ଆଧୁନିକ ପ୍ରଦ୍ୟୋଗ ଦ୍ୱାରା ସଜ୍ଜିତ ହେବା ଫଳରେ ସେମାନେ ମଧ୍ୟ ଅନ୍ୟାନ୍ୟ ଜୀବାଳିରେ ଆଗରୁ ରହୁଥିବା ଅଗ୍ରଣୀ ପ୍ରାଦ୍ୟୋଗିକୀ ମାନୁଷ୍ୟମାନଙ୍କ ପରି ସେହିପରି ଭାବରେ ତୁନ୍ଦ୍ରା ପରିସଂସ୍ଥାକୁ ନଷ୍ଟ କରିବା ଅବସ୍ଥାକୁ ଆସିଗଲେଣି । ଇଉରେସିଆନ୍ ତୁନ୍ଦ୍ରାର ସାମୋୟେନ୍ ଓ ଅନ୍ୟାନ୍ୟ ଆଦିବାସୀମାନେ ମଧ୍ୟ ନୂତନ ଜୀବନଧାରଣର ପନ୍ଥାଗ୍ରହଣ କରିଛନ୍ତି । ସେମାନଙ୍କ ମଧ୍ୟରୁ କେତେକ ସ୍ଥାୟୀ ଭାବରେ ବସବାସ କରୁଛନ୍ତି । ସେମାନେ ବଲ୍ଗା ହରିଣ ଓ ଲୋମଶପ୍ରାଣୀ ପାଳନ କରନ୍ତି ଏବଂ ବିଶେଷତଃ ସାଇବେରୀୟ ତୁନ୍ଦ୍ରାରେ ଖାଦ୍ୟଶସ୍ୟ ଉତ୍ପାଦନ କରନ୍ତି । ନିକଟରେ ଆଲାସ୍କାରେ ସୁନା ଓ ଖଣିଜ ତୈଳ, ଲାବ୍ରାଡ଼ରରେ ଲୁହାପଥର, ସାଇବେରିଆରେ ନିକେଲ ଇତ୍ୟାଦି ଖଣିଜ ପଦାର୍ଥର ଆବିଷ୍କାର ଖଣିଜ ଅଧିବାସର ଅଭିବୃଦ୍ଧିରେ ଓ ପରିବହନ ସୁବିଧାର ବିକାଶରେ ସହାୟକ ହୋଇଛି । ମାତ୍ର ଖଣି ଖନନ କାର୍ଯ୍ୟକଳାପ ମଧ୍ୟ ପ୍ରଦୂଷଣ ଏବଂ ଏହି ଭଙ୍ଗୁର ପରିସଂସ୍ଥାର ଅନ୍ୟାନ୍ୟ ପାରିବେଶିକ ସମସ୍ୟା ସୃଷ୍ଟି କରୁଛି ।

**ପାଠ୍ୟ ଅନ୍ତର୍ଗତ ପ୍ରଶ୍ନାବଳୀ 15.3**

ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ସଂକ୍ଷେପରେ ଦିଅ ।

(a) ତୁନ୍ଦ୍ରା ଅଞ୍ଚଳରେ ଯେକୌଣସି ତିନିଗୋଟି ପ୍ରାଣୀର ନାମ ଲେଖ ।

(i) .................... (ii) .................... (iii) ....................

(b) ଏହି ଅଞ୍ଚଳଗୁଡ଼ିକରେ କେଉଁ ତିନିଗୋଟି ମୁଖ୍ୟ ଖଣିଜପଦାର୍ଥ ଦେଖାଯାଏ ?

(i) .................. (ii) ...................... (iii) .....................

(c) ତୁନ୍ଦ୍ରା ଅଞ୍ଚଳରେ ଉତ୍ପାଦିକତା କାହିଁକି କମ୍ ? ଯେକୌଣସି ଦୁଇଟି କାରଣ ଦର୍ଶାଅ ।

(i) ........................... (ii) .........................

(d) ତୁନ୍ଦ୍ରା ଅଞ୍ଚଳରେ ଦେଖାଯାଉଥିବା ଯେକୌଣସି ଦୁଇଟି ଆଦିବାସୀଙ୍କର ନାମ ଲେଖ ।

(i) ............................ (ii) ........................

**ତୁମେ କ'ଣ ଶିଖିଲ**

ଜୀବାଳି ହେଉଛି ଜୈବିକ ଆବାସର ଏକ କ୍ଷୁଦ୍ରରୂପ । ଜୀବାଳିର ପରିଭାଷା ହେଉଛି ଏହା ଏକ ବୃହତ୍ ପ୍ରାକୃତିକ ପରିସଂସ୍ଥା ଯେଉଁଥିରେ ଉଦ୍ଭିଦ ଓ ପ୍ରାଣୀଗୋଷ୍ଠୀମାନଙ୍କର ସମୁଦାୟ ଅବସ୍ଥାନ ସମ୍ବନ୍ଧରେ ଆମେ ଅଧ୍ୟୟନ କରୁ । ଏଠାରେ ସମସ୍ତ ଜୈବିକ ବସ୍ତୁ ଗୁଡ଼ିକର ସର୍ବନିମ୍ନ ସାଧାରଣ ଲକ୍ଷଣ ରହିଥାଏ ଏବଂ ସମସ୍ତ ଜୀବାଳି ଅଳ୍ପ ବହୁତ ସମାନ ଧରଣର ପାରିବେଶିତ ଗୁଣ ଦ୍ୱାରା ପରିଚିତ । ଏକ ଜୀବାଳିର ଆକାର, ଅବସ୍ଥିତି ଓ ଗୁଣ ବିଭିନ୍ନ କାରକ ଦ୍ୱାରା ପ୍ରଭାବିତ। ଏହି କାରକଗୁଡ଼ିକ ହେଲା ସୂର୍ଯ୍ୟାଲୋକର ଓ ଅନ୍ଧାରର ଦୀର୍ଘତା, ହାରାହାରି ତାପମାତ୍ରା, ବୃଦ୍ଧି ସମୟର ଦୀର୍ଘତା, ବର୍ଷଣ, ପବନ ପ୍ରବାହ, ମୃତ୍ତିକା ପ୍ରକାର, ଢାଲୁ, ଜଳପ୍ରବାହ ଇତ୍ୟାଦି । ଜୀବାଳିକୁ ବର୍ଗୀକରଣ କରିବା ପାଇଁ ଦୁଇଗୋଟି ମୁଖ୍ୟ ଭିତ୍ତି ରହିଛି- ଆର୍ଦ୍ରତାର ଲଭ୍ୟତା ଉପରେ ବିଶେଷ ଭାବେ ଦୃଷ୍ଟିଦେଇ ଜଳବାୟୁର ଭିତ୍ତି ଉପରେ ଏବଂ ଜଳବାୟୁ ଓ ଉଦ୍ଭିଦ ଭିତ୍ତି ଉପରେ ।

ବିସ୍ତୃତ ଅଧ୍ୟୟନ ପାଇଁ ପ୍ରତ୍ୟେକ ଜଳବାୟୁ ମଣ୍ଡଳରୁ ଗୋଟିଏ ଲେଖାଏଁ ଏପରି ତିନିଗୋଟି ଜୀବାଳିକୁ ବଛାଯାଇଛି । ସେଗୁଡ଼ିକ ହେଲା- (i) ଚିରହରିତ ବୃଷ୍ଟିଅରଣ୍ୟ ଜୀବାଳି, (ii) ନାତିଶୀତୋଷ୍ଣୀୟ ତୃଣଭୂମି ଜୀବାଳି ଏବଂ (iii) ସୁମେରୁଦେଶୀୟ ତୁନ୍ଦ୍ରା ଜୀବାଳି । ଚିରହରିତ୍ ବୃଷ୍ଟି ଅରଣ୍ୟ ଜୀବାଳି ବିଷୁବବୃତ୍ତର ଉଭୟ ପାର୍ଶ୍ୱରେ $10^0$ ଅକ୍ଷାଂଶ ପର୍ଯ୍ୟନ୍ତ ବିସ୍ତୃତ । ଏହି ଅଞ୍ଚଳରେ ବର୍ଷସାରା ଅଧିକ ତାପମାତ୍ରା ଓ ଅତ୍ୟଧିକ ବୃଷ୍ଟିପାତ ଅନୁଭୂତ ହୋଇଥାଏ । ଉତ୍ତାପ ଓ ଜଳୀୟବାଷ୍ପର ମିଶ୍ରଣ ଏହି ଜୀବାଳିକୁ ଅନେକ ପ୍ରକାରର ଉଦ୍ଭିଦ ଓ ପ୍ରାଣୀ ଗୋତ୍ର ପାଇଁ ପ୍ରକୃତ ପରିବେଶ ସୃଷ୍ଟି କରିଛି । ଏହି ଅଞ୍ଚଳରେ ଦେଖାଯାଉଥିବା ପ୍ରଧାନ ବୃକ୍ଷ ହେଉଛି- ଏବୋନି, ମେହୋଗାନି, ରୋଜ୍‌ଉଡ଼, ଚନ୍ଦନ ଇତ୍ୟାଦି । ବୃକ୍ଷଗୁଡ଼ିକ ସହିତ ଭୂମି ଉପରେ ଅନେକ ପ୍ରକାରର ଅର୍‌କିଡ଼, ଫର୍ଣ୍ଣ, ଛତୁ, ଗୁଳ୍ମଲତା ଇତ୍ୟାଦି ମଧ୍ୟ ଦେଖାଯାଏ । ଏହି ବୃକ୍ଷଗୁଡ଼ିକ ବିଶେଷଭାବେ ଶକ୍ତକାଠର ବୃକ୍ଷ । ଉଦ୍ଭିଦ ପରି ଚିରହରିତ୍ ବୃଷ୍ଟି ଅରଣ୍ୟରେ ଅନେକ ସଂଖ୍ୟକ ପକ୍ଷୀ, ସ୍ତନ୍ୟପାୟୀ ପ୍ରାଣୀ, କୀଟପତଙ୍ଗ ଇତ୍ୟାଦି ଉଭୟ ଭୂମି ଓ ଜଳରେ ବାସ କରିଥାନ୍ତି । କ୍ରାନ୍ତୀୟ ବୃଷ୍ଟିଅରଣ୍ୟ ଜୀବାଳିର ଉତ୍ପାଦିକତା ପୃଥିବୀର ସମସ୍ତ ଜୀବାଳି ଗୁଡ଼ିକ ମଧ୍ୟରେ ସର୍ବାପେକ୍ଷା ଅଧିକ । ଆଜିକାଲି ମନୁଷ୍ୟମାନେ ବିଭିନ୍ନ ପ୍ରକାରର ବିକାଶମୂଳକ କାର୍ଯ୍ୟକଳାପ ଦ୍ୱାରା ଏହି ଉନ୍ନତ ଜୈବିକ ପରିସଂସ୍ଥାକୁ ନଷ୍ଟ କରିବାକୁ ଆରମ୍ଭ କରିଛନ୍ତି । ଏଥିପାଇଁ ସବୁଜ ନିଳୟ ପ୍ରଭାବ ଓ ବିଶ୍ୱତାପନ ପରି ବିଭିନ୍ନ ପ୍ରକାରର ପାରିସ୍ଥିତିକ ତଥା ପାରିବେଶିକ ସମସ୍ୟା ସୃଷ୍ଟି ହୋଇଛି ।

ନାତିଶୀତୋଷ୍ଣୀୟ ତୃଣଭୂମିଗୁଡ଼ିକ ଦୁଇଟି ବିଶେଷ ଧରଣର ଅବସ୍ଥାନରେ ଅବସ୍ଥିତ । ଉତ୍ତର ଗୋଲାର୍ଦ୍ଧରେ ମହାଦେଶଗୁଡ଼ିକର ଅଭ୍ୟନ୍ତର ଉପରେ ଏବଂ ଦକ୍ଷିଣ ଗୋଲାର୍ଦ୍ଧରେ ମହାଦେଶଗୁଡ଼ିକର ସୀମାରେ । ଉଭୟ ଅବସ୍ଥାନ ବହୁତ କମ୍ ବୃଷ୍ଟିପାତ ପାଇଥାନ୍ତି । ଏହି ତୃଣଭୂମିଗୁଡ଼ିକ ପୃଥିବୀର ବିଭିନ୍ନ ଭାଗରେ ବିଭିନ୍ନ ନାମରେ ପରିଚିତ । ଇଉରେସିଆରେ ଷ୍ଟେପୀ, ଉତ୍ତର ଆମେରିକାରେ ପ୍ରେରୀ, ଅଷ୍ଟ୍ରେଲିଆରେ ଡ଼ାଉନ୍‌ସ ଓ ଦକ୍ଷିଣ ଆଫ୍ରିକାରେ ଭେଲ୍ଟ । ଏହି ଅଞ୍ଚଳଗୁଡ଼ିକରେ ପ୍ରାକୃତିକ ଉଦ୍ଭିଦ ବୃକ୍ଷହୀନ ତୃଣଭୂମିଦ୍ୱାରା ଗଠିତ । ବର୍ଷଣ ଅଧିକ ପାଉଥିବା ପର୍ବତର ଢାଲୁଗୁଡ଼ିକରେ କେବଳ ବୃକ୍ଷ ଦେଖାଯାଏ । ଏହି ତୃଣଭୂମିଗୁଡ଼ିକରେ କୃଷ୍ଣସାରମୃଗ, ବନ୍ୟ, ଗଧ, ଘୋଡ଼ା, ଗଧିଆ, କଙ୍ଗାରୁ, ଏମୁ ଓ ଡିଙ୍ଗୋ କିମ୍ବା ବନ୍ୟ କୁକୁର ବାସକରନ୍ତି । ନାତିଶୀତୋଷ୍ଣୀୟ ଜୀବାଳି ଯେତେ ପରିବର୍ତ୍ତିତ ହୋଇଛି ସେପରି ଅନ୍ୟ କୌଣସି ଜୀବାଳି ଏତେ ପରିବର୍ତ୍ତିତ ହୋଇନାହିଁ । ଏହା ମନୁଷ୍ୟର ବିଭିନ୍ନ କାର୍ଯ୍ୟକଳାପ ଯୋଗୁଁ ଘଟିଛି ।







ସୁମେରୁ ଦେଶୀୟ ତୁନ୍ଦ୍ରା ଜୀବାଳି ବିଶେଷଭାବେ ଏକ ଶୀତଳ ମରୁଭୂମି ଯେଉଁଠି ଜଳବାୟୁ ଜନିତ ଆର୍ଦ୍ରତା ବହୁତ କମ୍ ଓ ଗ୍ରୀଷ୍ମରତୁ କ୍ଷୁଦ୍ର ଓ ଶୀତଳ । ଏହି ଜୀବାଳି ଉତ୍ତର ଗୋଲାର୍ଦ୍ଧର ଉତ୍ତର ସୀମା ଉପରେ ବିସ୍ତୃତ ହୋଇଛି । ଉଦ୍ଭିଦ ଓ ପ୍ରାଣୀ ଗୋତ୍ରଗୁଡ଼ିକ ସ୍ୱଳ୍ପ । ଉଦ୍ଭିଦ ଆଚ୍ଛାଦନ ପ୍ରାୟତଃ ଗୋତ୍ରଗୁଡ଼ିକର ସମଷ୍ଟିରେ ଗଠିତ । ଗୋତ୍ରଗୁଡ଼ିକରୁ ଅନେକ ବାମନ ଧରଣର ଯଥା ତୃଣ, ଛତୁ, ଶୈବାଳ, ପୁଷ୍ପିତ ଗୁଳ୍ମ ଓ ବିକ୍ଷିତ କ୍ଷୁଦ୍ର ଗୁଳ୍ମ । ଏହି ଜୀବାଳିର ଜୀବଜନ୍ତୁଙ୍କୁ ଦୁଇଟି ବିଭାଗରେ ବିଭକ୍ତ କରାଯାଏ- (i) ଆବାସୀ ଓ (ii) ପ୍ରବାସୀ । ମୁଖ୍ୟ ଗୋତ୍ରଗୁଡ଼ିକ ହେଲା- ବଲ୍ଗାହରିଣ, ଗଧିଆ, ବିଲୁଆ, ଲୋମଶ-ଷଣ୍ଢ, ସୁମେରୀୟ ଠେକୁଆ, ଶିଲ୍ ଓ ମେରୁମୂଷା । ଏହି ଜୀବାଳିର ରୁକ୍ଷ ପରିବେଶ କମ୍ ଜନସଂଖ୍ୟାକୁ ସହାୟ ହୋଇଥାଏ । ଇଉରେସିଆର ସାମୋୟେଦ, ଲ୍ୟାପ୍, ଫିନ୍ ଓ ୟାକୁଟ, କାନାଡ଼ା ଓ ଆଲାସ୍କାର ଏସ୍କିମୋ ହେଉଛନ୍ତି ଏହି ଜୀବାଳିର ମୂଳ ଅଧିବାସୀ ଏବଂ ଶତାବ୍ଦୀ ଶତାବ୍ଦୀ ଧରି ଏମାନେ ଯାଯାବର ଜୀବନଯାପନ କରୁଛନ୍ତି । ସେମାନେ ଶୀକାର କରି ତୁନ୍ଦ୍ରା ପ୍ରାଣୀମାନଙ୍କର କ୍ଷତି ସାଧନ କରିଥାନ୍ତି । ଏବେ ଏହି ଆଦିବାସୀମାନଙ୍କ ମଧ୍ୟରୁ ଅନେକ ସ୍ଥାୟୀ ବସବାସ ଜୀବନ ଗ୍ରହଣ କରିଛନ୍ତି । ନିକଟରେ ହୋଇଥିବା ଖଣିଜ ସମ୍ପଦର ଆବିଷ୍କାର ଖନନ ଜନିତ ଆବାସସ୍ଥଳୀ ଅଭିବୃଦ୍ଧିରେ ସହାୟକ ହୋଇଛି । ମାତ୍ର ଖନନ କାର୍ଯ୍ୟକଳାପ ଦ୍ୱାରା ପ୍ରଦୂଷଣ ଏବଂ ଅନ୍ୟାନ୍ୟ ପାରିବେଶିକ ସମସ୍ୟା ଏହି ଭଙ୍ଗୁର ପରିସଂସ୍ଥାରେ ସୃଷ୍ଟି ହୋଇଛି ।

## ପ୍ରାନ୍ତୀୟ ପ୍ରଶ୍ନାବଳୀ

1. ଜୀବାଳି କାହାକୁ କୁହାଯାଏ ? ଜଳବାୟୁ ଓ ଉଦ୍ଭିଦକୁ ଭିତ୍ତିକରି ଜୀବାଳିର ବର୍ଗୀକରଣକୁ ବର୍ଣ୍ଣନା କର ।
2. ଚିରହରିତ ବୃଷ୍ଟି ଅରଣ୍ୟରେ ଅବସ୍ଥିତି, ଜଳବାୟୁ, ପ୍ରାକୃତିକ ଉଦ୍ଭିଦ ଓ ପ୍ରାଣୀଜୀବାଳିକୁ ବୁଝାଅ ।
3. ଜୀବାଳିର ଆକାର, ଅବସ୍ଥିତି ଓ ଲକ୍ଷଣକୁ ପ୍ରଭାବିତ କରୁଥିବା ବିଭିନ୍ନ କାରକଗୁଡ଼ିକୁ ବର୍ଣ୍ଣନା କର ।
4. ଅନ୍ୟ କୌଣସି ଜୀବାଳି ଏତେ ପରିବର୍ତ୍ତନର ସମ୍ମୁଖୀନ ହୋଇଛି ଯେତେ ନାତିଶୀତୋଷ୍ଣୀୟ ଜୀବାଳି ହୋଇଛି । ଉପଯୁକ୍ତ ଯୁକ୍ତିଦ୍ୱାରା ଏହି ଉକ୍ତିକୁ ପ୍ରମାଣ କର ।
5. ତୁନ୍ଦ୍ରା ଅଞ୍ଚଳରେ ଉଦ୍ଭିଦ ଓ ପ୍ରାଣୀ ଜୀବାଳି ଉପରେ ପଡୁଥିବା ଜଳବାୟୁର ଭୂମିକାକୁ ବିଶ୍ଳେଷଣ କର ।

## ପାଠ୍ୟ ଅନ୍ତର୍ଗତ ପ୍ରଶ୍ନାବଳୀର ଉତ୍ତର

**15.1 1.** (i) $10^0$ ଉତ୍ତର ଓ ଦକ୍ଷିଣ

(ii) ଅପରାହ୍ନ

(iii) (a) ବୃହତ୍ ନଦୀବନ୍ଧ ଓ ଜଳଭଣ୍ଡାର ନିର୍ମାଣ, (b) ସଡ଼କ ଓ ରାଜପଥ ନିର୍ମାଣ, (c) କାଠ ନିଷ୍କାସନ, (d) ଚାରଣଭୂମି ବା ଶସ୍ୟ ପାଇଁ ପରିଷ୍କାର, (e) ଭୂମିହୀନ ଚାଷୀମାନଙ୍କ ଦ୍ୱାରା ଅଧିକୃତ ଓ ପରିଷ୍କୃତ

(iv) (a) ସବୁଜ ନିଳୟ ପ୍ରଭାବ, (b) ବିଶ୍ୱତାପନ

**15.2 1.** (a) ଅଭ୍ୟନ୍ତର

(b) ନିମ୍ନ

(c) ଅଧିକ, କମ୍

(d) ଶସ୍ୟଭଣ୍ଡାର

**2.** (a) iii

(b) iv

(c) i

(d) v

(e) ii

**15.3** (a) ବଲ୍‌ଗାହରିଣ, ଗଧିଆ, ଶୃଗାଳ, ଲୋମଶ-ଷଣ୍ଢ, ସୁମେରୀୟ ଠେକୁଆ, ମିଲି, ମେରୁମୂଷା (ଯେକୌଣସି ତିନିଗୋଟି)

(b) ସୁନା, ଲୌହ, ଖଣିଜତୈଳ

(c) (i) ଅତିକମ୍ ସୂର୍ଯ୍ୟାଲୋକ ଓ ସୌରାଭିତାପ, (ii) ଖାଦ୍ୟସାରର ଅଭାବ, (iii) ଅନୁକୂଳ ବିକଶିତ ମୃତ୍ତିକା, (iv) ମୃତ୍ତିକାରେ ଆର୍ଦ୍ରତାର ଅଭାବ, (v) ସଦାକାଳୀନ ବରଫାବୃତ୍ତ ଭୂମି, (vi) ଅତି ଛୋଟ ଅଭିବୃଦ୍ଧି ସମୟ (ଯେକୌଣସି ତିନିଗୋଟି)

(d) ସାମୋୟେଦ, ଲ୍ୟାପ, ଫିନ୍, ୟାକୁଟ, ଏସ୍କିମୋ (ଯେକୌଣସି ଦୁଇଟି)

**ପ୍ରାନ୍ତୀୟ ପ୍ରଶ୍ନାବଳୀ ସମ୍ବନ୍ଧରେ ସୂଚନା :**

1. 15.1 ଓ 15.2 ଦେଖ
2. 15.3 ଭାଗ ଦେଖ
3. 15.1 ଭାଗ ଦେଖ
4. 15.4 (iii) ଭାଗ ଦେଖ
5. 15.5 ଭାଗ ଦେଖ ।